To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଡେରା ଆଶ୍ରମର ମାଟିତଳେ ୬୦୦ରୁ ଅଧିକ କଙ୍କାଳ ରହିଥିବା ନେଇ ପୋଲିସର ଖୁଲାସା ।

DERA SACHA SAUDA

R.N.I. No.-42041/83 Vol-15, Issue No.87, ଭଦ୍ରକ, ଗୁରୁବାର, ୨୧, ସେପ୍ଟେମ୍ବର ୨୦୧୭ ■ Bhadrak, Thursday, 21 September 2017 Rs. 2.00 Pages-8

ସିବିଆଇ ନାଁରେ ମାମଲା

- ସିଟିଂ ଜଜ୍‌ଙ୍କ ବାସଭବନରେ ବେଆଇନ୍ ପ୍ରବେଶ ଅଭିଯୋଗ
- ସୁରକ୍ଷାକର୍ମୀଙ୍କ ରିପୋର୍ଟ ଆଧାରରେ ମାମଲା ରୁଜୁ
- ହାଇକୋର୍ଟ ବାର୍ ଆସୋସିଏସନ୍‌ର ଜରୁରୀ ବୈଠକ

ଭୁବନେଶ୍ୱର, ୨୦।୯ (ସକାଳ ଖବର): ହାଇକୋର୍ଟ ବିଚାରପତିଙ୍କ ଘରେ ଭୁଲରେ ସିବିଆଇ ପଶିବା ଘଟଣାରେ ସିବିଆଇ ବିରୋଧରେ କଟକ କ୍ୟାଣ୍ଟନମେଣ୍ଟ ଥାନାରେ ମାମଲା ରୁଜୁ ହୋଇଛି । ଦାୟିତ୍ୱରେ ଥିବା ହୋମଗାର୍ଡଙ୍କ ବୟାନ ଭିତ୍ତିରେ ମାମଲା ରୁଜୁ ହୋଇଛି । କ୍ରିମିନାଲ ଟ୍ରେସପାସିଂ ଅଭିଯୋଗରେ କମିଶନରେଟ ପୋଲିସ ସିବିଆଇ ବିରୋଧରେ ମାମଲା ରୁଜୁ କରିଛି । କାଲି ରାତିରେ ଜଷ୍ଟିସ କୁଦ୍ଦୁସିଙ୍କ ଘର ଭାବି ବର୍ତ୍ତମାନର ବିଚାରପତିଙ୍କ ଘରକୁ ଯାଇଥିଲା । ଏହାକୁ ନେଇ ଏବେ ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଛି । ଏବେ ସିବିଆଇର କାର୍ଯ୍ୟଦକ୍ଷତା ନେଇ ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବୁଧବାର ସନ୍ଧ୍ୟାରେ ପୋଲିସ କମିଶନର ଯୋଗେଶ ବାହାଦୂର ଖୁରାନିଆଙ୍କ ପ୍ରେସମିଟରେ ଗତ ରାତିରେ ଘଟଣା ନେଇ ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ କାଲି ରାତିରେ ସିବିଆଇ ଟିମ୍ ବିଚାରପତିଙ୍କ ଘରେ ପହଞ୍ଚିଥିଲେ । ସେଠାରେ ଘର ସାମ୍ନାରେ ଥିବା ସୁରକ୍ଷା କର୍ମୀଙ୍କୁ ଭିତରକୁ ଯିବାକୁ କହିଥିଲେ । ମାତ୍ର ଆପଣ ଯେଉଁ ଜଜ୍‌ଙ୍କୁ ଖୋଜୁଛନ୍ତି ସେ ଏଠାରେ ରହୁନଥିବା ସୁରକ୍ଷାକର୍ମୀ କହିଥିଲେ । ମାତ୍ର ସିବିଆଇ ଅଫିସର ସୁରକ୍ଷାକର୍ମୀଙ୍କ ସହ ଯୁକ୍ତିତର୍କ କରିଥିଲେ ।

CBI
BHUBANESWAR

ସିବିଆଇର ସ୍ପଷ୍ଟୀକରଣ

ମୁଖ୍ୟ ଫାଟକ ବାହାରୁ ଅନୁଧ୍ୟାନ କରି ଫେରିଆସିଥିଲା

ଏହି ସମୟରେ କ୍ୟାଣ୍ଟନମେଣ୍ଟ ପୋଲିସ ସେଠାରେ ପହଞ୍ଚିଥିଲେ । ଖୁରାନିଆ କହିଛନ୍ତି ସିବିଆଇ ଅଫିସର ସର୍ଚ୍ଚ ୱାରେଣ୍ଟ ଦେଖାଇପାରିନଥିଲେ କି ଗାଇଡଲାଇନର ପାଳନ କରିନଥିଲେ । ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀଙ୍କ ରିପୋର୍ଟ ଆଧାରରେ ମାମଲା ରୁଜୁ କରାଯାଉଛି । ସିବିଆଇ ଇନ୍ସପେକ୍ଟର ପି.କେ. ମିଶ୍ର ଏବଂ ଟିମ୍ ନାଁରେ ଦଫା ୧୨୦(ବି), ୩୫୩, ୫୧୧, ୩୪ ଆଇପିସିରେ ମାମଲା ରୁଜୁ କରାଯାଇଛି । ମାମଲା ରୁଜୁ ପରେ କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ମାମଲାର ତଦନ୍ତ କରୁଛନ୍ତି । ତଦନ୍ତ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କମିଶନର କହିଛନ୍ତି । ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ସିବିଆଇ ଅଫିସର ଜଣେ ଅବସରପ୍ରାପ୍ତ ଜଜଙ୍କୁ ସନ୍ଧାନ କରୁଥିବା ବେଳେ ଭୁଲବଶତଃ କ୍ୟାଣ୍ଟନମେଣ୍ଟ ରୋଡ ସ୍ଥିତ ବର୍ତ୍ତମାନର ଜଜ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କ ବାସଭବନକୁ ପଶିଆସିଥିଲେ । ଏହା ପରେ ସିବିଆଇ ଅଫିସର ନିଜର ଭୁଲ ଜାଣିପାରି ଫେରିଯାଇଥିଲେ । ମାତ୍ର ଏହି ଘଟଣାକୁ ହାଇକୋର୍ଟ ବାର ଆସୋସିଏସନ ଗମ୍ଭୀରତାର ସହ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ହାଇକୋର୍ଟ ବାର୍ ଜରୁରୀ ବୈଠକ ଡକାଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ନିଷ୍ପତ୍ତି ଅନୁଯାୟୀ ସଂପୃକ୍ତ ଅଫିସରଙ୍କୁ ସସପେଣ୍ଡ କରିବାକୁ ବାର ଦାବି କରିଛି । ଏହା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ ବାର ଦାବି କରିଛି । ଏଥିସହ ଆଜିଠାରୁ ଆସନ୍ତାକାଲି ଅପରାହ୍ନ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି । ଆସନ୍ତାକାଲି ଅପରାହ୍ନ ବୈଠକରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ବାର ନିଷ୍ପତ୍ତି ନେଇଛି । ତେବେ ଇତିମଧ୍ୟରେ ସିବିଆଇ ପ୍ରେସ୍ ରିଲିଜ୍ କରି ଏହା ଉପରେ ନିଜର ସ୍ୱଷ୍ଟୀକରଣ ଦେଇଛି । ସିବିଆଇର କହିବାନୁଯାୟୀ ବିଚାରପତିଙ୍କ ବାସଭବନକୁ ପ୍ରବେଶ କରିନାହିଁ । ବରଂ ମୁଖ୍ୟ ଫାଟକ ବାହାରୁ ଅନୁଧ୍ୟାନ କରି ଫେରିଆସିଥିଲା ।

ସେବାୟତଙ୍କୁ ସ୍ମାର୍ଟଫୋନ୍ ମନା

ପୁରୀ,୨୦।୯ (ସକାଳ ଖବର): ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀମାନେ ଶ୍ରୀମନ୍ଦିର ଭିତରକୁ ସ୍ମାର୍ଟ ଫୋନ୍ ନେଇ ଯାଇପାରିବେ ନାହିଁ ଆବଶ୍ୟକ ହେଲେ ଇଂଟରନେଟ୍ ଏବଂ କ୍ୟାମେରା ନଥିବା ସାଧାରଣ ଫୋନ୍ ନେଇ ପାରିବେ ବୋଲି ବୁଧବାର ଅନୁଷ୍ଠିତ ଛତିଶାନିଯୋଗ ବୈଠକରେ ନିଷ୍ପତି ହୋଇଛି। ଏହାଛଡ଼ା ସେବାୟତଙ୍କୁ ସିୟୁଜି (କ୍ଲୋଜ୍ ୟୁଜର ଗ୍ରୁପ୍) ମୋବାଇଲ ଯୋଗାଇ ଦିଆଯାଇ ପାରେ। ଏନେଇ ବିଭିନ୍ନ ମୋବାଇଲ କମ୍ପାନୀ ସହିତ ଆଲୋଚନା କରାଯିବା ତେବେ ଏନେଇ ଜିଲ୍ଲାପାଳ ଓ ଏସପିଙ୍କ ସହିତ ଆଲୋଚନା ପରେ ନିଷ୍ପତି ନିଆଯିବ ବୋଲି ଉକ୍ତ ବୈଠକରୁ ଜଣାପଡିଛି । ବୈଠକ ପରେ ଶ୍ରୀମନ୍ଦିର ପ୍ରଶାସକ ପ୍ରଦୀପ ଜେନା କହିଛନ୍ତି ଯେ ସେବାୟତ ଚିହ୍ନଟ ପାଇଁ ମୋବାଇଲରେ ଲାଗିବ ସ୍ୱତନ୍ତ୍ର ଲୋଗୋ ଯୋଗାଇ ଦିଆଯିବା ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କୁ ଲୋଗୋ ଯୋଗାଇ ଦେବେ। କେବେ ଲୋଗୋ ଯୋଗାଇବ ତାହା ପରବର୍ତ୍ତୀ ବୈଠକରେ ନିଷ୍ପତି ନିଆଯିବ । **(ପୃଷ୍ଠା-୭)**

ପ୍ରଭାତଙ୍କୁ ମାରାଥନ୍ ଜେରା

- ☐ ସିବିଆଇ ଅଫିସ୍ ଘେରିଲେ ସମର୍ଥକ
- ☐ ୧୪୪ ଧାରା ଜାରୀ

ଭୁବନେଶ୍ୱର, ୨୦।୯ (ସକାଳ ଖବର):- ଚିଟଫଣ୍ଡ ସଂସ୍ଥା ସି-ସୋର ସହିତ ଜମି କାରବାରରେ ଲିଙ୍କ୍ ଅଭିଯୋଗରେ ଗିରଫ ହୋଇ ୫ ଦିନିଆ ରିମାଣ୍ଡରେ ଥିବା କଟକ-ଚୌଦ୍ୱାରର ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ଆଜି ସିବିଆଇ କାର୍ଯ୍ୟାଳୟ ଠାରେ ମାରାଥନ୍ ଜେରା କରାଯାଇଛି । ଏସଆଇଟିର ଡିଆଇଜି ମନୀଷ କୁମାର ସିହ୍ନା ଙ୍କ ନେତୃତ୍ୱରେ ଗଠିତ ଏକ ୫ ଜଣିଆ ଟିମ୍ ବିଧାୟକଙ୍କୁ ଜେରା କରୁଛନ୍ତି । ବିଧାୟକ ଏବଂ ତାଙ୍କ ପତ୍ନୀଙ୍କ ଆକାଉଂଟକୁ ଆସିଥିବା ପ୍ରଚୁର ଟଙ୍କାର ଉତ୍ସ ନେଇ ଜେରା ଚାଲିଥିବା ଜଣାପଡିଛି । ଗତକାଲି ବିଧାୟକଙ୍କ ବାସଭବନ ସମେତ ୩ ଟି ସ୍ଥାନରେ ରେଡ୍ କରାଯାଇଥିଲା ।

ଅନ୍ୟପକ୍ଷରେ ଏହି ଗିରଫଦାରୀର ପ୍ରତିବାଦରେ କଟକ-ଚୌଦ୍ୱାରର ବିଜେଡି କର୍ମୀ ଓ ଜଗତସିଂହପୁରର ନାଗରିକ ମଂଚ ପକ୍ଷରୁ ସିବିଆଇ ଅଫିସ୍ ଘେରାଉ କରାଯାଇଥିଲା । ଏହି କର୍ମୀ ମାନେ କଟକରୁ ଏକ ବାଇକ୍ ର୍‍ୟାଲିରେ ଆସି ସିବିଆଇ ଅଫିସ୍ ସମ୍ମୁଖରେ ସମାବେଶ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସିବିଆଇ କାର୍ଯ୍ୟାଳୟ ମଧ୍ୟକୁ ବିକ୍ଷୋଭକାରୀ ମାନେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ପୋଲିସ୍ ସେମାନଙ୍କୁ ଅଟକାଇବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା । ବିକ୍ଷୋଭକାରୀ ମାନେ ପ୍ରଧାନମନ୍ତ୍ରୀ ମୋଦି , ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଫଟୋଚିତ୍ର ଦାହ କରିଥିଲେ । ସିବିଆଇ ଅଫିସ୍ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକଙ୍କ ସମେତ ବହୁ ଛାତ୍ର ଓ ଯୁବ ନେତା ଅଭିଭାଷଣ ଦେଇଥିଲେ । ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ରାସ୍ତାରେ ୧୪୪ ଧାରା ଜାରୀ କରାଯାଇଛି ।

ହଡତାଳ ବେଳେ ହିଂସା ମାମଲାରେ ଆଉ ୧୨ ଗିରଫ

ଭୁବନେଶ୍ୱର, ୨୦।୯ (ସକାଳ ଖବର):- ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ବିରୁଦ୍ଧରେ ବିଜୁ ଜନତା ଦଳ ଦ୍ୱାରା ଆହୁତ ପାଂଚ ଘଂଟିଆ ବନ୍ଦ ବେଳେ ବହୁଳ ମାତ୍ରାରେ ଗୁଣ୍ଡାଗର୍ଦି ଓ ଅରାଜକତା ହୋଇଥିବା ଅଭିଯୋଗ ପରେ କମିଶନରେଟ ପୋଲିସ ବୁଧବାର ଦିନ ଆଉ ୩ଟି ମାମଲାରେ ୯ ଜଣଙ୍କୁ ଗିରଫ କରିଛି । ଏହି ଗିରଫ ପରେ ମୋଟ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ଏ ସମ୍ପର୍କରେ ସୂଚନା ଦେଇ ପୋଲିସ କମିଶନର ବାଇ. ବି. ଖୁରାନିଆ କହିଛନ୍ତି ଯେ ସିସିଟିଭି ଫୁଟେଜ ଆଧାରରେ ଏହି ଗିରଫ କରାଯାଇଛି । ଗଣ୍ଡଗୋଳ କରିଥିବା ଆହୁରି ଲୋକ ମାନଙ୍କୁ ମଧ୍ୟ ଶୀଘ୍ର ଗିରଫ କରାଯିବା ନେଇ ସେ ସୂଚନା ଦେଇଛନ୍ତି । ପ୍ରଥମ ମାମଲା ଶହୀଦ ନଗର ଥାନାରେ ରୁଜୁ ହୋଇଥିଲା । ଏଥିରେ ଜଣେ ଯାତ୍ରୀଙ୍କୁ ଆକ୍ରମଣ କରା ଯାଇଥିବା ନେଇ ଅଭିଯୋଗ ଥିଲା । ସେହିପରି ଚନ୍ଦ୍ରଶେଖରପୁର ସ୍ଥିତ ଆଇଓସିଏଲ ଅଫିସର ସାଇନ ବୋର୍ଡ ଭଙ୍ଗା ଘଟଣାରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେହିପରି ସ୍କୋର୍ପିଓ ଭଙ୍ଗାରୁଜା କରିବା ମାମଲାରେ କ୍ୟାପିଟାଲ ଥାନା ପୋଲିସ୍ ୩ ଜଣଙ୍କୁ ଗିରଫ କରିଛି । ଏହା ପୂର୍ବରୁ ଗତକାଲି ପୋଲିସ ଜଣେ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର କରା ଯିବା ମାମଲାରେ ପୋଲିସ ଜଣେ ନାବାଳକଙ୍କ ସମେତ ତିନି ଜଣଙ୍କୁ ଗିରଫ କରିଥିଲା ।

ସରକାରଙ୍କ ପଦକ୍ଷେପକୁ ବିଶ୍ୱବ୍ୟାଙ୍କ ନିର୍ଦ୍ଦେଶକଙ୍କ ଉଚ୍ଚ ପ୍ରଶଂସା

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଶ୍ୱବ୍ୟାଙ୍କର ନିର୍ଦ୍ଦେଶକ

ଭୁବନେଶ୍ୱର, ୨୦।୯ (ସକାଳ ଖବର): ସଚିବାଳୟ ଠାରେ ବିଶ୍ୱବ୍ୟାଙ୍କର କଂଟ୍ରି ଡାଇରେକ୍ଟର ମି. ଜୁନେଦ ଅହମ୍ମଦ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ଓଡ଼ିଶା ଓ ବିଶ୍ୱବ୍ୟାଙ୍କ ମଧ୍ୟରେ ଆର୍ଥିକ ସହଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶାରେ ଭିତିଭୂମି, ଜଳସେଚନ, ବିଦ୍ୟୁତ, କୃଷି, ସ୍ୱାସ୍ଥ୍ୟ, ଆର୍ଥିକ ପୁନର୍ଗଠନ, ବାତ୍ୟାଂଚଳରେ ପୁନର୍ବାସ ଆଦି ବିଭିନ୍ନ କ୍ଷେତ୍ରରେ ବିଶ୍ୱବ୍ୟାଙ୍କର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ବର୍ତ୍ତମାନ କୃଷି, ଜୀବିକା, ଗ୍ରାମ୍ୟ ଅର୍ଥନୀତି, ଭିତିଭୂମି, ପିଇବା ପାଣି, ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା, ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ କାମ କରୁଛନ୍ତି। ଆଗାମୀ ଦିନରେ ବିଶ୍ୱବ୍ୟାଙ୍କ ଓ ଓଡ଼ିଶା ମଧ୍ୟରେ ବିକାଶ ପାଇଁ ସହଯୋଗ ଅଧିକ ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ବିଶ୍ୱବ୍ୟାଙ୍କର ନିର୍ଦ୍ଦେଶକ ମି. ଅହମ୍ମଦ ରାଜ୍ୟରେ ଗରିବି ହ୍ରାସ ଦିଗରେ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ସଫଳତାର ଉଚ୍ଚପ୍ରଶଂସା କରିବା ସହିତ ଶିଶୁ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଉତ୍ସାହଜନକ ବୋଲି ମତ ଦେଇଥିଲେ। ସ୍ୱାସ୍ଥ୍ୟ, ଜୀବିକା ବିଶେଷତଃ ମହିଳାମାନଙ୍କ ସଶକ୍ତିକରଣ ଏବଂ ଭିତିଭୂମି ବିକାଶ ଦିଗରେ ବିଶ୍ୱବ୍ୟାଙ୍କ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ସେ ପ୍ରକାଶ କରିଥିଲେ। ବିଶ୍ୱବ୍ୟାଙ୍କ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ୫ବର୍ଷ ନିମନ୍ତେ ଆର୍ଥିକ ଓ ବୈଷୟିକ ସହଯୋଗ ସମ୍ପର୍କରେ ଆଲୋଚନାରେ ଚୂଡ଼ାନ୍ତ ନିଷ୍ପତି ନିଆଯାଇଛି ଏବଂ ଏଥିପାଇଁ ଏକ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରାଯାଇ କ୍ଷେତ୍ର ଚିହ୍ନଟ କରାଯିବ। ଏହି ଆଲୋଚନାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଓ ଶାସନ ସଚିବ ଉପସ୍ଥିତ ଥିଲେ।



ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୨୦.୯.୧୭)
୧,୨୬,୭୨୨

ଆତଙ୍କୀ ଆକ୍ରମଣ

୨ଯବାନ ସହିଦ, ୫ ଆହତ

ଜାମ୍ମୁ, ୨୦।୯ : ଜାମ୍ମୁ ଓ କାଶ୍ମୀରରେ ଜାମ୍ମୁ-ଶ୍ରୀନଗର ରାଜପଥ ସ୍ଥିତ ଜବାହର ସୁଡ଼ଙ୍ଗ ନିକଟରେ ସ୍ଥିତ ସଶସ୍ତ୍ର ସୀମା ବଳ(ଏସଏସବି) ଶିବିର ଉପରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି । ଏହି ଆକ୍ରମଣରେ ଏସଏସବିର ଜଣେ ଅଧିକାରୀ ଓ ଜଣେ ଯବାନ ସହିଦ ହୋଇଛନ୍ତିଥିବା ଏଥିସହ ୫ ଜଣ ଯବାନ ଆହତ ହୋଇଛନ୍ତି । ସେମାନଙ୍କୁ ନିକଟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କୁହାଯାଉଛି ଯେ ଜାମ୍ମୁ ନିକଟବର୍ତ୍ତୀ ବନିହାଲ ନିକଟରେ ଏକ କନଷ୍ଟ୍ରକ୍ସନ କମ୍ପାନୀର ଶିବିର ଉପରେ ଆତଙ୍କୀ ଆକ୍ରମଣ ହୋଇଛି, ଯିଏ ସୀମାରେ ସଡ଼କ ନିର୍ମାଣ କରୁଥିଲେ । ଏଠାରେ ଏସଏସବିର ୧୪ ତମ ବାଟାଲିୟନ ସୁରକ୍ଷାରେ ନିୟୋଜିତ ହୋଇଥିଲେ । ଖବର ମୁତାବକ ଶିବିର ଉପରକୁ ଅଚାନକ ଗୁଳିମାଡ ଆରମ୍ଭ ହୋଇଯାଇଥିଲା । ସୁରକ୍ଷା ବଳ ଇଲାକାକୁ ଘେରି ଆକ୍ରମଣକାରୀଙ୍କ ସନ୍ଧାନରେ ଲୁଚିଛନ୍ତି । ସୂଚନାଯୋଗ୍ୟ ନିକଟରେ ସୁରକ୍ଷାବଳ ଆତଙ୍କବାଦୀର କମାଣ୍ଡରକୁ ନିହତ କରିଛି ଏବଂ ଅନେକ ଆତଙ୍କୀ ଘଟଣାକୁ ବିଫଳ କରିଛି । ତେବେଠୁ ଅନୁମାନ କରାଯାଉଥିଲା ଯେ ଆତଙ୍କବାଦୀ ପ୍ରତିଶୋଧପରାୟଣ ହୋଇ ଏମିତି ଘଟଣା ଘିଆଇ ପାରନ୍ତି ।

ମମତାଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

ହିନ୍ଦୁ-ମୁସଲିମ ଭିତରେ ଫାଟ ସୃଷ୍ଟି କରନ୍ତୁ ନାହିଁ

କୋଲକାତା, ୨୦।୯: ପଶ୍ଚିମବଙ୍ଗରେ ବିସର୍ଜନକୁ ନେଇ ଚାଲିଥିବା ବିବାଦ ମଧ୍ୟରେ କୋଲକାତା ହାଇକୋର୍ଟ ବୁଧବାର ମମତା ବାନାର୍ଜୀ ସରକାରକୁ ଭର୍ତ୍ସନା କରିଛନ୍ତି । କୋର୍ଟ ସରକାରଙ୍କୁ କଡ଼ା ଟିପ୍ପଣୀ କରି କହିଛନ୍ତି ଯେ ଆପଣ ଦୁଇ ସମୁଦାୟ ମଧ୍ୟରେ ଫାଟ ସୃଷ୍ଟି କରନ୍ତୁ ନାହିଁ । ଦୁର୍ଗା ପୂଜା ଏବଂ ମୁହରମକୁ ନେଇ ରାଜ୍ୟରେ କେବେ ବି ଏମିତି ସ୍ଥିତି ସୃଷ୍ଟି ହୋଇନାହିଁ । ସେମାନଙ୍କୁ ଏକାଠି ରହିବାକୁ ଦିଅନ୍ତୁ ବୋଲି ହାଇକୋର୍ଟ କହିଛନ୍ତିଛ ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାକାଲି ହେବ । ସୂଚନାଯୋଗ୍ୟ ଏହା ପୂର୍ବରୁ ହାଇକୋର୍ଟର ଦଖଲ ପରେ ମମତା ବାନାର୍ଜୀ ସରକାରଙ୍କୁ ମୂର୍ତ୍ତୀ ବିସର୍ଜନର ନିର୍ଦ୍ଧାରିତ ସମୟ ସୀମାର ନିଷ୍ପତ୍ତିକୁ ବଦଳାଇବାକୁ ପଡ଼ିଥିଲା । ରାଜ୍ୟ ସରକାର ବିଜୟଦଶମୀ ଦିନ ବିସର୍ଜନର ସମୟ ସୀମା ୬ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ କରିଥିଲେ, ଯାହାକୁ ବଢ଼ାଇ ୧୦ଟା କରିଦିଆଯାଇଛି । ସୂଚନା ମୁତାବକ ବିସର୍ଜନ ଉପରେ ପ୍ରତିବନ୍ଧ ଲଗାଇବାକୁ ନେଇ କୋଲକାତା ହାଇକୋର୍ଟରେ ଯୁଥ ବାର ଆସୋସିଏସନ ଅଫ ଇଣ୍ଡିଆ ମମତା ବାନାର୍ଜୀ ସରକାର ବିରୋଧରେ **(ପୃଷ୍ଠା-୭)**

ଭୂପିନ୍ଦର ରାଜ୍ୟ ହାଉସିଂ ବୋର୍ଡ଼ର ଅଧକ୍ଷ

ଭୁବନେଶ୍ୱର, ୨୦।୯ (ସକାଳ ଖବର): ବିଜେଡ଼ିର ପୂର୍ବତନ ସାଂସଦ ଭୂପିନ୍ଦର ସିଂଙ୍କୁ ରାଜ୍ୟ ହାଉସିଂ ବୋର୍ଡ଼ର ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିବା ପରେ ଏହି ନିଯୁକ୍ତି ଦିଆଯାଇଛି । ଶ୍ରୀ ସିଂଙ୍କୁ କ୍ୟାବିନେଟ ଷ୍ଟାଟସ ମଧ ଦିଆଯାଇଛି । **(ପୃଷ୍ଠା-୭)**

ଓପୋଲ୍‌ଫେଡ୍
ତାରିଖ : ୨୧. ୦୯. ୨୦୧୭
ଆଜିର ଦର
- ବ୍ରଏଲର୍ କୁକୁଡା ମାଂସ : ଟ୧୪୦/-(କେଜିପ୍ରତି)
- ବ୍ରଏଲର୍ କୁକୁଡା ମାଂସ :ଟ୧୫୦/-(କେଜିପ୍ରତି) (ବିନା କଲିଜା କରାଟ)
- ବନରାଜା କୁକୁଡା ମାଂସ:ଟ୨୭୦/-(କେଜିପ୍ରତି)
- ଜୀବନ୍ତ ଦେଶୀ କୁକୁଡା :ଟ ୩୨୦/-(କେଜିପ୍ରତି)
- ଅଣ୍ଡା ପ୍ୟାକେଟ୍ : ଟ ୬୨/-(ଏକଡଜନ)
- ଅଣ୍ଡା ପ୍ୟାକେଟ୍ : ଟ ୩୧/-(ଅଧାଡଜନ)

ଯୋଗାଯୋଗ : ୮୭୬୩୯୮୯୮୪୪/ ୯୮୬୧୩୬୦୪୮୦/ ୯୭୭୬୯୪୨୮୫୦

ରେଳ କର୍ମଚାରୀଙ୍କୁ ସରକାରଙ୍କ ପୂଜା ଭେଟି

ପାଇବେ ୭୮ ଦିନର ବୋନସ

ନୂଆଦିଲ୍ଲୀ, ୨୦।୯ : ଦେଶରେ ଘଟୁଥିବା ରେଳ ଦୁର୍ଘଟଣାରେ ରେଲୱେ ଉପରେ ପ୍ରଶ୍ନବାଚୀ ନିଶ୍ଚୟ ସୃଷ୍ଟି ହେଉଛି, କିନ୍ତୁ ସରକାର ରେଳ କର୍ମଚାରୀଙ୍କୁ ଖୁସିଖବର ଦେଇଛନ୍ତି । ସରକାର ରେଳ କର୍ମଚାରୀଙ୍କୁ ପୂଜା ଭେଟି ଦେବାକୁ ଯାଉଛନ୍ତି । ବୁଧବାର କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ସମସ୍ତ ଅଣଗେଜେଟ କର୍ମଚାରୀଙ୍କୁ ୭୮ ଦିନର ବୋନସ ଦିଆଯିବଛ ଏଥିରେ ୧୨ ଲକ୍ଷ ୩୦ ହଜାର କର୍ମଚାରୀ ଉପକୃତ ହେବେ । ଉତ୍ସବ ପୂର୍ବରୁ କର୍ମଚାରୀଙ୍କ ଖୁସିକୁ ଦୃଷ୍ଟିରେ ରଖି ସରକାର ଦଶହରା ପୂର୍ବରୁ ଏହି ବୋନସ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ରେଳ କର୍ମଚାରୀଙ୍କୁ ଏହି ବୋନସ ଦେବା ଦ୍ୱାରା ସରକାରଙ୍କ ଉପରେ ଅତିରିକ୍ତ ୨,୨୪୫ କୋଟି ଟଙ୍କାର ବୋଝ ପଡ଼ିବଛ ବୋନସ ଭାବେ ଜଣେ ରେଳ କର୍ମଚାରୀଙ୍କୁ ଅଧିକରୁ ଅଧିକ ୧୮ ହଜାର ଟଙ୍କା ମିଳିବ । ସୂଚନାଯୋଗ୍ୟ ରେଳ କର୍ମଚାରୀଙ୍କୁ ବୋନସ ସେହି ସମୟରେ ମିଳୁଛି ଯେଉଁ ସମୟରେ ଏକାଧିକ ରେଳ ଦୁର୍ଘଟଣାକୁ ନେଇ ରେଲୱେକୁ ସମାଲୋଚନା କରାଯାଉଛି ।

AæB f ÓÀÿ 13 †ÿþ {¯ÿvÿLÿ{Àÿ A™¿ä†ÿæ Lÿ{àÿ {Lÿ¢ÿþ¦ê ™{þ¢ÿ ¨™æœÿ

µÿßæ¯ÿÜÿ µÿÿLÿ¸ ,248 þ†ÿ

Lÿÿ Ï Lÿ O{¯ÿ†ÿœÿ†ÿæ Aÿ$Lÿ ¨†ÿæLÿæ {¯ÿQæB Eµÿæ Aÿ» Lÿ{àÿ fàÿæ ¨æÀÿ

AæÀÿFÓ¨Àÿ Óbÿ†ÿæ Üÿ {Ó¯ÿæ Aµÿ¾æœÿ †ÿÀÿæœÿ†ÿ

þ'ÿ œÿSþ ¯ÿÀÿ•{Àÿ Aæ{¢ÿæÀÿœÿ xÿæLÿÀÿæ

'ÿê¨Lÿæ BØæ†ÿ ÉäæÓ'ÿœÿÀÿ Lÿ†ÿêdæ†ÿêZÿ †ÿ†ÿÿêß {É~ê {þ™æ¯ÿ¨ÿ àÿæµÿ

Sæþ ÉÉæœÿLÿ ÀÿæÖæ 'ÿæ¯ÿ

135 àÿsÀÿ {¯ÿæÀÿ þ'ÿ Óÿ ¯ÿæBLÿ F¯ÿó ÓæB{Lÿàÿ f¯ÿ†ÿ: 2 SÀÿÿ

f{ºÉÀÿ ¨ tœÿæßLÿZÿ Óæº'ÿLÿ {SàÿÀÿ¯ÿ Ó¼æœÿ

FsFþÀÿ sZÿæ àÿs Aµÿ{¾æS

Óþæ f{Ó¯ÿêZÿ 'ÿæÀÿæ FsFþ Lÿæxÿ, xÿæBµÿÿó àÿæB{ÓœÿÓ F¯ÿó sZÿæ {ÜÿÀÿÖ

œÿSÀÿ ¯ÿ{ f xÿ ¨äÀÿ {¯ÿàÿ†ÿÁÿ{Àÿ Aæþ ÓÜÿÀÿ Aæþ DŸ†ÿ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ'ÿLÿ : Aþ†ÿ Lÿþæ Àÿ þàÿLÿ